



ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରୋଡ୍ ଶୋ'। ନୀଳଗିରି ସଜନାଗଡ଼ ନିକଟସ୍ଥ ବଣଭୂଇଁ ଖେଳପଡ଼ିଆରେ ଆୟୋଜିତ ସଭାରେ ଉଦ୍‌ବୋଧନ।

# ବାଲେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ ପ୍ରଚାର

ବାଲେଶ୍ୱର ଅଫିସ/ ଭୋଗରାଇ/ସଜନାଗଡ/ଜଳେଶ୍ୱର ବାଲିଆପାଳ, ୨୪।୪(ଡି.ଏନ.ଏ./ସ୍ୱ.ପ୍ର.)

ଚତୁର୍ଥ ପର୍ଯ୍ୟାୟ ଭୋଟ୍ ଲାଗି ବାଲେଶ୍ୱର ଜିଲାରେ ସବୁଦଳର ନିର୍ବାଚନ ପ୍ରଚାର ଜୋର୍ ଧରିଛି। ଆରୋପ ପ୍ରତ୍ୟାରୋପ ଓ କଥା କଟାକଟି ଭଳି ନିର୍ବାଚନ ପ୍ରଚାର ଉଷ୍ମତା ବଢ଼ାଇଛି। ବୁଧବାର ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱର ଗସ୍ତରେ ଆସି ରୋଡ୍ ଶୋ', ଶୋଭାଯାତ୍ରା ମାଧ୍ୟମରେ ୬ଟି ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ମାରାଥନ ପ୍ରଚାର କରିଛନ୍ତି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ହେଲିକପ୍ଟର ଯୋଗେ ଆସି ପ୍ରଥମେ ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ପହଞ୍ଚି ପରେ ଜଳେଶ୍ୱର, ବସ୍ତା, ନୀଳଗିରି ଓ ରେମୁଣା ନିର୍ବାଚନମଣ୍ଡଳୀକୁ ଯାଇ ପ୍ରଚାର ସଭାରେ ଯୋଗ ଦେଇଥିଲେ।

## ଭୋଗରାଇ

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀ ଥାନାଛକ ସ୍ଥିତ ହେଲିପ୍ୟାଡ୍ ପଡ଼ିଆରେ ଆୟୋଜିତ ନିର୍ବାଚନ ସଭାରେ ମୁକ୍ୟମନ୍ତ୍ରୀ ଯୋଗଦେଇ ୫ ବର୍ଷରେ କେନ୍ଦ୍ର ସରକାରଙ୍କ ଉପରୁ ଲୋକେ ଆସ୍ଥା ହରାଇଛନ୍ତି ବୋଲି କହିଥିଲେ। 'କାଳିଆ' ଯୋଜନା ବନ୍ଦ ଲାଗି କେନ୍ଦ୍ର ଷଡଯନ୍ତ୍ର କରିବା ଘଟଣାକୁ ସେ ସମାଲୋଚନା କରିଥିଲେ। ବଞ୍ଚିଥିବା ପର୍ଯ୍ୟନ୍ତ ଓଡ଼ିଶାକୁ ପଛୁଆ ରାଜ୍ୟ କରାଇ ଦେବେ ନାହିଁ ଏବଂ କୃଷକଙ୍କ ସ୍ୱାର୍ଥ ରକ୍ଷା ଲାଗି କାର୍ଯ୍ୟ କରିବେ ବୋଲି କହିଥିଲେ। ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ ବେଳେ କେନ୍ଦ୍ରର ଭାଜପା ନେତାଙ୍କ ଦେଖା ନ ଥାଏ। ଏବେ ନିର୍ବାଚନ ସମୟରେ ସେମାନେ ଆସି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବିଜେଡି ବିଧାୟକ ପ୍ରାର୍ଥୀ ତଥା ମନ୍ତ୍ରୀ ଅନନ୍ତ ଦାସ ସଭାରେ ପୌରହିତ୍ୟ କରିଥିଲେ। ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ଇଂ. ରବୀନ୍ଦ୍ର କୁମାର ଜେନା ମୁଖ୍ୟମନ୍ତ୍ରୀଙ୍କ ବିକାଶ ଧାରାରେ ଓଡ଼ିଶାବାସୀ ସାମିଲ ହୋଇ ପୁଣି ଥରେ ତାଙ୍କୁ କ୍ଷମତାଡୋରି ଦେବାକୁ ପ୍ରସ୍ତୁତ ଥିବା ଏହି ଜନସମାବେଶ ପ୍ରମାଣ କରୁଛି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ କେନ୍ଦ୍ରରେ ଭାଜପା ସରକାରଙ୍କୁ କଟାକ୍ଷ କରି ବାଲେଶ୍ୱରରେ ବଡ଼ ମେଡ଼ିକାଲ କଲେଜ ପ୍ରତିଷ୍ଠା କଥା ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରି ବାଲେଶ୍ୱର ଏମ୍‌ପି ଜେନା, ବିଧାୟକ ପ୍ରାର୍ଥୀ ଦାସଙ୍କୁ ଭୋଟ୍ ଦେଇ ଆଶୀର୍ବାଦ କରିବେ ବୋଲି ନିବେଦନ କରିଥିଲେ। ଜନସଭାରେ ବିଜେଡି ସଭାପତି ରମାକାନ୍ତ କରଣ, ଜିଲାପରିଷଦ ଅଧକ୍ଷା ନିବେଦିତା ମହାନ୍ତି, ପଞ୍ଚାୟତ ସମିତି ଅଧକ୍ଷା ମଞ୍ଜୁରାଣୀ ବେହେରା, ଜିଲା ସମ୍ପାଦକ ତପନ କୁମାର ପଣ୍ଡା, ପ୍ରବୀର କୁମାର ଗିରି, ଉପସଭାପତି ଭୁବନାନନ୍ଦ ଦାସ, ଜିଲାପରିଷଦ ସଦସ୍ୟ ଦେବାଶିଷ ଚାନ୍ଦ, ପୂର୍ବତନ ଜିଲାପରିଷଦ ସଦସ୍ୟ ହେମନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ।

**୫ ବର୍ଷରେ କେନ୍ଦ୍ର ସରକାର ଆସ୍ଥା ହରାଇଛନ୍ତି**

## ବାଲିଆପାଳ

ବୁଧବାର ସ୍ଥାନୀୟ ଲଙ୍ଗଳେଶ୍ୱର ଠାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଭାଜପା ସରକାର ଗଢିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ବକ୍ତବ୍ୟକୁ ସମାଲୋଚନା କରି ବିଜେଡି ପୁଣି କ୍ଷମତାକୁ ଫେରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ବିଜେଡି ସରକାର ଗଠନ କରିବାର ପ୍ରଥମ ଦିନରେ 'କାଳିଆ' ଯୋଜନାରେ ଚାଷୀଙ୍କୁ ଏକା ଥରେ ଦୁଇଟି କିସ୍ତିର ଟଙ୍କା ପ୍ରଦାନ କରାଯିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଭାଷଣ ପୂର୍ବରୁ ଏମ୍‌ପି ଜେନା ଏବଂ ବସ୍ତା ବିଧାୟକ ପ୍ରାର୍ଥୀ ନିତ୍ୟାନନ୍ଦ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବରୁ ବସ୍ତା ବିଜେଡି ସଭାପତି ତ୍ରିଲୋଚନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଜେଡି ନେତ୍ରୀ ସୁବାସିନୀ ଜେନ, ବସ୍ତା ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସ, ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର କୁମାର ଅଣ୍ଡିଆ, ଏମ୍‌ପି ପ୍ରତିନିଧି ମହାଦେବ ଦାସ, ବିଜେଡି ନେତା ଅଜୟ ସାମଲ, ଶ୍ୟାମାପ୍ରସାଦ ବେହେରା, ଅଜୟ ସାହୁ, ସଞ୍ଜୀବ ପାଢୀ,ବଳରାମ ସାହୁ, ବାଲିଆପାଳ ବ୍ଲକ ବିଜେଡି ସଭାପତି ଚକ୍ରଧର ଗିର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଜଳେଶ୍ୱର

ବାଲେଶ୍ୱର ଜିଲା ଜଳେଶ୍ୱର ନିର୍ବାଚନମଣ୍ଡଳୀରେ ଆୟୋଜିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ଭାଷଣ ଦେଇ ଦଳୀୟ ଏମ୍‌ପି ପ୍ରାର୍ଥୀ ଓ ଜଳେଶ୍ୱରର ବିଧାୟକ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ରଙ୍କ ଭୋଟ୍ ଦେଇ ଜିତାଇବାକୁ ନିବେଦନ କରିଥିଲେ। ପୂର୍ବତନ ନଗରପାଳ ତଥା ଦଳର ନଗର ସଭାପତି ପ୍ରବୀର କୁମାର ପ୍ରଧାନ ସଭା ପରିଚାଳନା କରିଥିଲେ। ବ୍ଲକ ଅଧକ୍ଷା ସବିତା ରାଣୀ ଦଳାଇ, ଉପାଧକ୍ଷ ବ୍ରଜମୋହନ ପ୍ରଧାନ, ଯୁବନେତା ତପନ ଜେନା, ଶଙ୍କର ଘୋଷ, ପ୍ରତୀପ ପ୍ରଧାନ, ବିଦ୍ୟାଧର ମଲ୍ଲିକ, ଗୋବିନ୍ଦ ସାହୁ, ସଂଖ୍ୟାଲଘୁ ନେତା ଅବଦୁଲ ରହିମ, ବିଜୟ କାମିଲା, ଅଜୟ ମହାନ୍ତି, ମାନସ ଜେନା, ଦିଲୀପ ସାମଲ, ମଧୁସୂଦନ ସେନାପତି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ନୀଳଗିରି

ସଜନାଗଡ଼, (ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀ ଜାମୁଡ଼ିହା ପଞ୍ଚାୟତ ବଣଭୂଇଁ ଖେଳପଡ଼ିଆରେ ବୁଧବାର ଆୟୋଜିତ ବିଶାଳ ସମାବେଶରେ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଗତ ୫ ବର୍ଷ ଭିତରେ କେନ୍ଦ୍ର ସରକାର ଲୋକଙ୍କ ଆସ୍ଥା ହରାଇ ଥିବା କହିଥିଲେ। ବ୍ଲକ ସଭାପତି ବିଜୟ ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। ଭାଷଣ ଶେଷରେ ମୁଖ୍ୟମନ୍ତ୍ରୀ ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆଙ୍କ ସମେତ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ଦେଇ ଜୟଯୁକ୍ତ କରାଇବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଏମ୍‌ପି ପ୍ରାର୍ଥୀ ଇଂ. ଜେନା ସଭାରେ ଉଦ୍‌ବୋଧନ ଦେଇଥିଲେ। ବିଧାୟକ ପ୍ରାର୍ଥୀ ଖଟୁଆ, ବରିଷ୍ଠ ନେତା ଗତିକୃଷ୍ଣ ନନ୍ଦ, ଗିରୀଶ ଦାସ, ଶିଶିର କୁମାର ରାଉତ, ଅମରେନ୍ଦ୍ର ପଟ୍ଟନାୟକ, ଶୁଭେନ୍ଦୁ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

# ରାଇରଙ୍ଗପୁର ଆସନ: କଡ଼ା ଟକ୍କର ସମ୍ଭାବନା

ବହଳଦା,୨୪।୪(ଡି.ଏନ.ଏ)

ମୟୂରଭଞ୍ଜ ଲୋକସଭା କ୍ଷେତ୍ର ଅଧୀନ ରାଇରଙ୍ଗପୁର(୨୮)ସଂରକ୍ଷିତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପ୍ରଚାର ଜୋର ଧରିଛି। ମଇଦାନରେ ଭାଜପା, ବିଜେଡି ଓ ଜେଏମଏମ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ସମେତ ମୋଟ ୯ ପ୍ରତିଦ୍ୱନ୍ଦ୍ୱୀ ରହିଥିବାରୁ କଡା ଟକ୍କର ସମ୍ଭାବନା ଦେଖାଦେଇଛି। ମୋଟ ୨ଲକ୍ଷ ୩୪ ହଜାର ୧୪୭ ମତଦାତା ଆସନ୍ତା ୨୯ତାରିଖରେ ୨୯୫ଟି ବୁଥ୍‌ରେ ମତଦାନ ଅଧିକାର ସାବ୍ୟସ୍ତ କରିବେ । ଏମାନଙ୍କ ମଧ୍ୟରେ ୧ଲକ୍ଷ ୧୫ ହଜାର ୨୧୫ ପୁରୁଷ , ୧ଲକ୍ଷ ୧୮ ହଜାର ୯୨୪ ମହିଳା ଓ ୮ଜଣ ତୃତୀୟ ଲିଙ୍ଗର ଭୋଟର ରହିଛନ୍ତି। ଏଥର ନିର୍ବାଚନରେ ଜେଏମ୍‌ଏମ୍ ସହ କଂଗ୍ରେସ ବୁଝାମଣା କରିଥିବାରୁ ପ୍ରାର୍ଥୀ ଦେଇନାହିଁ । ରାଜ୍ୟର ବିଜେଡି–ଭାଜପା ମେଣ୍ଟ ସମୟରେ ଏହି କ୍ଷେତ୍ର ଭାଜପା ଭାଗରେ ପଡିଥିଲା। ଭାଜପାର ଦୌପଦୀ ମୁର୍ମୁ ନିର୍ବାଚିତ ହୋଇ ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ମେଣ୍ଟ ଭାଙ୍ଗିବା ପରେ ୨୦୧୪ରେ ବିଜେଡି ପ୍ରାର୍ଥୀ ସାଇବା ସୁଶୀଲ ହାଁସଦା ଭାଜପା ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ପରାଜିତ କରିଥିଲେ। ୨୦୧୯ରେ ବିଜେଡି ବିଧାୟକ ସାଇବା ସୁଶୀଲଙ୍କ ପରିବର୍ତ୍ତେ ମହିଳା କାର୍ଡ ଖେଳି ରାଇରଙ୍ଗପୁର ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷା ବାସନ୍ତୀ ମାରାଣ୍ଡିଙ୍କୁ ପ୍ରାର୍ଥୀ କରିଛି । ଭାଜପାର ବରିଷ୍ଠ ନେତା ତଥା ରାଇରଙ୍ଗପୁରର ପୂର୍ବତନ ନଗରପାଳ ନବଚରଣ ମାଝୀ ଓ ଜେଏମଏମର ପ୍ରାର୍ଥୀ ଭାବେ ରାମଚନ୍ଦ୍ର ମୁର୍ମୁଙ୍କ ସମେତ ତୃଣମୂଳ କଂଗ୍ରେସ, ବହୁଜନ ସମାଜ ପାର୍ଟିର ପ୍ରାର୍ଥୀମାନେ ଭାଗ୍ୟ ପରୀକ୍ଷା କରୁଛନ୍ତି। ଭାଜପା ଓ ବିଜେଡି ପ୍ରାର୍ଥୀ ପ୍ରଥମ ଥର ପାଇଁ ବିଧାୟକ ପ୍ରାର୍ଥୀ ହୋଇ ନିର୍ବାଚନ ଲଢୁଥିଲେ ମଧ୍ୟ ସେମାନେ ରାଜନୀତିରେ ନୂଆ ନୁହଁନ୍ତି। ଜେଏମ୍‌ଏମ ପ୍ରାର୍ଥୀ ରାମଚନ୍ଦ୍ର ୨୦୦୪ରେ ଦଳରୁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ଅଳ୍ପ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲେ । ୨୦୦୯ ନିର୍ବାଚନରେ କଂଗ୍ରେସ ଏହି ଆସନ ଅକ୍ତିଆର କରିଥିଲା। ଏଥର କଂଗ୍ରେସ ଦଳ ନିଜର କାହାକୁ ପ୍ରାର୍ଥୀ ନ କରି ଜେଏମଏମ ପ୍ରାର୍ଥୀଙ୍କ ପାଇଁ ଆସନ ଛାଡ଼ିଦେଇଛି। ବିଜେଡି ସମେତ ବିଭିନ୍ନ ଦଳରେ ଗୋଷ୍ଠୀ କନ୍ଦଳ ଏବଂ ଦଳବଦଳ ରାଜନୀତି ପରିସ୍ଥିତିକୁ ଅନେକାଂଶରେ ଗୋଳିଆ କରିଦେଇଛି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବେଳେ ଭାଜପା ଏହି ନିର୍ବାଚନ ମଣ୍ଡଳୀର ୮ରୁ ୭ଟି ଜିଲା ପରିଷଦ ଆସନ ଦଖଲ କରିଥିବାରୁ ଏଥର ଜନମତକୁ ନିଜ ଆଡ଼କୁ ନେବା ସକାଶେ ଉଦ୍ୟମ ଜାରି ରଖିଛି। ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ଭାଜପାର ମୂଳଦୂଆ ପକାଇଥିବା ରାଜକିଶୋର ଦାସ ଏବେ ଦଳ ଛାଡି ବିଜେଡି ଶିବିରରେ ସାମିଲ ହୋଇଥିବାରୁ ସ୍ଥିତିରେ ପରିବର୍ତ୍ତନ ଘଟିଛି। ଏକଦା ଜିଲାରେ ପ୍ରଭାବ ବିସ୍ତାର କରିଥିବା ଜେଏମଏମ ପୂର୍ବ ସ୍ଥିତି ଫେରାଇବା ଲକ୍ଷ୍ୟରେ ରହିଛି। ଜେଏମଏମର ଅପ୍ରତିଦ୍ୱନ୍ଦ୍ୱୀ ନେତା ସୁଦାମ ମାରାଣ୍ଡି ଦଳ ଛାଡିବା ପରଠାରୁ ଦୁର୍ବଳ ହୋଇ ପଡିଥିବା ସାଂଗଠନକ ସ୍ଥିତିକୁ ସଜାଡିବା ଲାଗି ନେତା ଓ କର୍ମୀମାନେ ଲାଗି ପଡିଛନ୍ତି। ତେବେ ଏଥର ବିଭିନ୍ନ ଦଳରେ ପ୍ରାର୍ଥୀ ଚୟନକୁ ନେଇ କର୍ମୀମହଲରେ ଶେଷ ପର୍ଯ୍ୟନ୍ତ ଅସନ୍ତୋଷ ଲାଗି ରହିଥିବା ଲକ୍ଷ୍ୟ କରାଯାଉଛି। କେତେକ ନେତା ଦଳୀୟ ଶୃଙ୍ଖଳା ଭଙ୍ଗ ଭୟରେ ନୀରବ ରହୁଥିବା ଲକ୍ଷ୍ୟ କରାଯାଉଛି। ପରିବର୍ତ୍ତନର ନାରା ଦେଇ ଭାଜପା ପ୍ରାର୍ଥୀ ଫାଇଦା ଉଠାଇବାକୁ ଆଶାବାଦୀ ଥିବା ବେଳେ ବିଜେଡି ପ୍ରାର୍ଥୀ ରାଜ୍ୟ ସରକାରଙ୍କ ବିକାଶ ଓ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତିକୁ ପାଥେୟ କରି ପ୍ରଚାର ଚଳାଇଛନ୍ତି। ଅନ୍ୟ ପ୍ରାର୍ଥୀମାନେ ଅନୁରୂପ ନିର୍ବାଚନୀ କୌଶଳ ଗ୍ରହଣ କରି ନିର୍ବାଚନୀ ବୈତରଣୀ ପାର ହେବାକୁ ଆଶା ରଖିଛନ୍ତି।

# କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର

ପଦ୍ମପୁର, ୨୪।୪ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଅଶୋକ ଦାସ ଜଗନ୍ନାଥପ୍ରସାଦ ପଞ୍ଚାୟତରେ ବୁଧବାର ନିର୍ବାଚନୀ ପ୍ରଚାର ପାଇଁ ବାଇକ୍ ଶୋଭାଯାତ୍ରା କରିଛନ୍ତି। ଅଶୋକ ସମର୍ଥକମାନଙ୍କ ସହ ପଞ୍ଚାୟତର ଦଧିବାମନପୁର, ମିଶ୍ରପୁର, ଜୟକୃଷ୍ଣପୁର, ଜଗନ୍ନାଥପ୍ରସାଦ, କୋରବାଟିଆ, ତିହିଡ଼ି ବ୍ଲକର ଏକତାଳ, ବାହାବଳପୁର ଗ୍ରାମରେ ବାଇକ୍ ଶୋଭାଯାତ୍ରା କରିଥିଲେ। ଏହାପରେ ସେ ତିହିଡ଼ିଠାରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇଥିଲେ। ବାଇକ୍ ଶୋଭାଯାତ୍ରାରେ ଆସି ଅଶୋକ ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କୁ ବାସୁଦେବପୁର ଅଞ୍ଚଳର ବିକାଶ ପାଇଁ ପରିବର୍ତ୍ତନ ଲୋଡ଼ା ବୋଲି କହିବା ସହ ରାଜ୍ୟ ସରକାର ଅଞ୍ଚଳବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ନିଯୁକ୍ତି କ୍ଷେତ୍ରରେ ଅବହେଳିତ କରି ରଖିଛନ୍ତି ବୋଲି ଅଭିଯୋଗ କରିଥିଲେ। ଅଞ୍ଚଳର ବିକାଶ ପାଇଁ ତାଙ୍କୁ ଭୋଟ ଦେବାକୁ ସେ ନିବେଦନ କରିଥିଲେ। ତାଙ୍କ ସହ ବରିଷ୍ଠ କର୍ମୀ ଖଗେଶ୍ୱର ବେହେରା, ସାଧନ ଦାସ, ପ୍ରଶାନ୍ତ ଦାସ, ବାବୁଲି ମହାଳିକ, ନିରଞ୍ଜନ ପଲେଇ, ମନୋରଞ୍ଜନ ନାୟକ, ଜଗବନ୍ଧୁ ବାରିକ, ରଘୁ ବଳ, ପୂର୍ଣ୍ଣଚନ୍ଦ୍ର ନାୟକ, ଅରୁଣ କୁମାର ଦତ୍ତ ଓ ଜଗବନ୍ଧୁ ନାୟକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।

# କଂଗ୍ରେସର ବାଇକ୍ ଶୋଭାଯାତ୍ରା



ତିହିଡ଼ିରେ କଂଗ୍ରେସ ପ୍ରାର୍ଥୀ ଅଶୋକ ଦାସ ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତି।

**ତିହିଡ଼ି, ୨୪।୪ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନମଣ୍ଡଳୀର ତିହିଡ଼ି ବ୍ଲକ ଅଧୀନ ୯ ପଞ୍ଚାୟତରେ ବୁଧବାର ପୂର୍ବାହ୍ନରେ କଂଗ୍ରେସ ପକ୍ଷରୁ ବାଇକ୍ ଶୋଭାଯାତ୍ରା କରାଯାଇଛି। ଏଥିସହ କମାରିଆ ବଜାରରେ ଅପରାହ୍ନରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ବାସୁଦେବପୁରର କଂଗ୍ରେସ ବିଧାୟକ ପ୍ରାର୍ଥୀ ଅଶୋକ କୁମାର ଦାସ ଦଳର ନେତା, କର୍ମୀ ଓ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଥିଲେ। ଆୟୋଜିତ ସଭାରେ ବ୍ଲକ କଂଗ୍ରେସ ସଭାପତି ସରୋଜ ଦାସ ପୌରୋହିତ୍ୟ କରିଥିଲେ। ଏମ୍‌ପି ପ୍ରାର୍ଥୀ ମଧୁମିତା ସେଠୀ ଯୋଗଦେଇ କଂଗ୍ରେସ ହିଁ କେବଳ ସ୍ୱଚ୍ଛ ଶାସନ ଦେଇପାରିବ ବୋଲି କହିବା ସହ ଦଳୀୟ ପ୍ରାର୍ଥୀଙ୍କୁ ବହୁସଂଖ୍ୟାରେ ଭୋଟ ଦେବାକୁ ନିବେଦନ କରିଥିଲେ। ବିଧାୟକ ପ୍ରାର୍ଥୀ ଅଶୋକ, ବରିଷ୍ଠ ନେତା ସତ୍ୟାନନ୍ଦ ରାଉତ, କରୁଣାକର ମହାରଣା, ସୁରେଶ ମହାପାତ୍ର, ମୀନକେତନ ସେନାପତି, ରମାକାନ୍ତ ବାରିକ, ବିଷ୍ଣୁଚରଣ ମହାନ୍ତି, ରାଜୀବ ନାୟକ, ସୁଧାଂଶୁ ମାହୁନ୍ତ, ବେଣୁଧର ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ ମଳିକ, ମହେଶ୍ୱର ନାଥ, ଶିବପ୍ରସାଦ ନାୟକ, ସୋମ୍ୟପ୍ରକାଶ ନାୟକ, ଉପେନ୍ଦ୍ର ନାୟକ, ବଳରାମ କବି, ଗଜେନ୍ଦ୍ର ପରିଡ଼ା, ରଞ୍ଜିତ ବଳ, ଗୋଦାବରୀଶ ପାଣିଗ୍ରାହୀ, ବାଇଧର ଘଡ଼ାଇ, ବିଜୟ ନାୟକ, ସୌମ୍ୟଗୋପାଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସର ଜନ ସମାବେଶ, ବାଇକ୍ ରାଲି

ବାଲେଶ୍ୱର ଅଫିସ,୨୪।୪

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ବୁଧବାର କଂଗ୍ରେସ ପ୍ରାର୍ଥୀ ମାନସ ଦାସପଟ୍ଟନାୟକ କର୍ମୀ ଓ ନେତାଙ୍କ ସହ ଯାଇ ନଗ୍ରମ ପଞ୍ଚାୟତର କୁଡ଼ିଆ ଠାରେ ଆୟୋଜିତ ଜନ ସମାବେଶରେ ଯୋଗ ଦେଇଥିଲେ। ସେ ନିର୍ବାଚନରେ ବିଜୟୀ ହେଲେ ଅଞ୍ଚଳର ସମସ୍ୟା ପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବାର୍ଦ୍ଧକ୍ୟ ଭତ୍ତାକୁ ୫ଶହରୁ ୨ହଜାର ଟଙ୍କାକୁ ବଢ଼ାଇବା, ବେକାରୀ ଯୁବତୀଯୁବକଙ୍କୁ ଚାକିରି ଦେବା ଲାଗି ଆଇନ ପ୍ରଣୟନ କରିବାକୁ କଂଗ୍ରେସ ସଙ୍କଳ୍ପବଦ୍ଧ ବୋଲି ସେ କହିଥିଲେ। ପରେ ଗୋପୀନାଥପୁର, ଚାନ୍ଦିପୁର, ସିନ୍ଧିଆ ଅଞ୍ଚଳରେ ଶତାଧିକ କର୍ମୀ ଓ ନେତାଙ୍କୁ ନେଇ ବାଇକ୍ ରାଲି କରାଯାଇଥିଲା। ଟିଭି ତାରକା ଲିକୁନ୍ ଚୌଧୁରୀ ପ୍ରଚାରରେ ସାମିଲ ହୋଇଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ଯୁବ, ଚାଷୀ, ମହିଳାଙ୍କର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ଗ୍ୟାରେଣ୍ଟି କାର୍ଡ଼ ମାଧ୍ୟମରେ ପ୍ରତିଶ୍ରୁତି ଦିଆଯାଇଥିବା ନେଇ ସଭାରେ ସୂଚନା ଦିଆଯାଇଥିଲା।

**■ ୩ ପ୍ରମୁଖ ଦଳର ପ୍ରଚାର ଜୋର୍‌ଦାର**

# ମୁଖ୍ୟ ପ୍ରସଙ୍ଗ ମେଡିକାଲ କଲେଜ

ଭଦ୍ରକ ଅଫିସ, ୨୪।୪

ଭଦ୍ରକ ଲୋକ ସଭା ଓ ବିଧାନସଭା ପାଇଁ ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ପ୍ରଚାର ଜୋର୍‌ଦାର ଚାଲିଛି। ଏଥିରୁ ବାଦ୍ ପଡ଼ିନାହାନ୍ତି ସ୍ୱାଧୀନ ପ୍ରାର୍ଥୀ। ୪ର୍ଥ ପର୍ଯ୍ୟାୟ ମତଦାନକୁ ଆଉ ମାତ୍ର ୪ ଦିନ ବାକି ରହିଛି। ଏଣୁ ପ୍ରଚାର ଶେଷ ହେବା ସକାଶେ ହାତରେ ୩ ଦିନ ରହିଲା। ଏଥର ଲୋକ ସଭା ଆସନ ଲାଗି ୮ ଓ ବିଧାନସଭା ପାଇଁ ୮ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୩ ପ୍ରମୁଖ ଦଳର ନେତା ରାତିଦିନ ଏକକରି ସମସ୍ତ ଗାଁ ଓ ପଞ୍ଚାୟତ ବୁଲି ପ୍ରଚାର ଚଳାଇଛନ୍ତି। ଏଥିଲାଗି ରାତିରେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇ ଦିନରେ କାର୍ଯ୍ୟକାରୀ କରାଯାଉଛି। ବିଜେଡି ବିଧାନସଭା ପ୍ରାର୍ଥୀ ସଞ୍ଜୀବ ମଲ୍ଲିକଙ୍କ ପାଇଁ ଦଳର ରାଜ୍ୟ ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭଦ୍ରକ ଆସି ସ୍ଥାନୀୟ ନେହେରୁ ଷ୍ଟାଡିୟମରେ ପ୍ରଚାର କରିଯାଇଛନ୍ତି। ସେ କେନ୍ଦ୍ରୀୟ ନେତାମାନଙ୍କୁ ତୀବ୍ର ସମାଲୋଚନା କରି ଭୋଟରଙ୍କୁ କେନ୍ଦ୍ର ଭୁଆଁ ବୁଲାଉଥିବା କହିଥିଲେ। ସେହିଭଳି ଭାଜପା ପ୍ରଚାର କ୍ଷେତ୍ରରେ ମଧ୍ୟ ପଛରେ ପଡ଼ିନାହିଁ। ଭାଜପା ବିଧାନସଭା ପ୍ରାର୍ଥୀ ଡା. ପ୍ରଦୀପ ନାୟକ ବିଭିନ୍ନ ସ୍ଥାନରେ ରୋଡ୍ ଶୋ କରି ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ ଯୋଜନାକୁ ଗୁରୁତ୍ୱ ଦେବା ସହ ବିଜେଡି ଶାସନ କାଳରେ ଜିଲାରେ କ'ଣ ବିକାଶ ହୋଇଛି ବୋଲି ଭୋଟରଙ୍କ ଆଗରେ ପ୍ରଶ୍ନ ରଖୁଛନ୍ତି। ଜିଲାରେ ଶିଳ୍ପ ପ୍ରତିଷ୍ଠାନ, ମେଡିକାଲ କଲେଜ ସ୍ଥାପନ, ଜଳସେଚନ ବ୍ୟବସ୍ଥାରେ ବିକାଶ ତଥା ଅନ୍ୟାନ୍ୟ ବିକାଶମୂଳକ ଯୋଜନା ନେଇ ସେ ଟିପ୍ପଣୀ ରଖୁଛନ୍ତି। ଏହି ୨ ପ୍ରମୁଖ ଦଳକୁ ତାଳ ଦେଇ କଂଗ୍ରେସର ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ମହାନ୍ତି ଉଭୟ ରାଜ୍ୟ ଓ କେନ୍ଦ୍ରକୁ ସମାଲୋଚନା କରି ପ୍ରଚାର କରୁଛନ୍ତି। ସେ ଜିଲା କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ତୁଲାଉଥିବାରୁ ତୃଣମୂଳସ୍ତରର କର୍ମକର୍ତ୍ତାଙ୍କ ସହ ସମ୍ପର୍କ ରଖିଛନ୍ତି। ସେ ନିର୍ବାଚିତ ହେଲେ ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପ୍ରଥମେ ପ୍ରାଥମିକତା ଦେବା ସହ କୃଷକଙ୍କ ବିକାଶ ନିମନ୍ତେ ଯୋଜନା ପ୍ରଣୟନ ଦିଗରେ ପ୍ରଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ଏହି ଦଳ ପକ୍ଷରୁ ଗ୍ୟାରେଣ୍ଟି କାର୍ଡ ସହ ନିର୍ବାଚନ ପାଇଁ ୧୯ ପ୍ରତିଶ୍ରୁତି ଲିପିବଦ୍ଧ ଥିବା ପୋଷ୍ଟର ରୋଡ୍ ଶୋ ବେଳେ ଲୋକଙ୍କୁ ବଣ୍ଟାଯାଉଛି। ଜିଲାବାସୀଙ୍କ ପ୍ରମୁଖ ଦାବି କୁହାଯାଉଥିବା ମେଡିକାଲ କଲେଜ ପ୍ରତିଷ୍ଠାକୁ ପ୍ରମୁଖ ଦଳ ମୁଖ୍ୟ ପ୍ରସଙ୍ଗ କରି ପ୍ରଚାର ଚଳାଇଛନ୍ତି।

୩ ପ୍ରମୁଖ ଦଳର ଲୋକ ସଭା ପ୍ରାର୍ଥୀଙ୍କ ସହ ବିଧାୟକ ପ୍ରାର୍ଥୀମାନେ ସାମିଲ ହୋଇ ନିଜସ୍ୱ ଢଙ୍ଗରେ ଭୋଟରଙ୍କୁ ଭେଟୁଛନ୍ତି। ଲୋକ ସଭା ଆସନର ବିଜେଡି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ତାଙ୍କ ସ୍ୱାମୀ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ପରିଚୟ ଓ ଦଳର ଲୋକାଭିମୁଖୀ କାର୍ଯ୍ୟକୁ ଆୟୁଧ କରି ପ୍ରଚାର ଚଳାଇଛନ୍ତି। ଭାଜପା ପ୍ରାର୍ଥୀ ଅଭିମନ୍ୟୁ ସେଠୀ ତାଙ୍କ ବାପା ୮ ଥର ଏମ୍‌ପି ହୋଇଥିବା ଅର୍ଜୁନ ଚରଣ ସେଠୀଙ୍କ ପରିଚୟ ନେଇ ପ୍ରଚାର କରୁଛନ୍ତି। କଂଗ୍ରେସର ମଧୁମିତା ସେଠୀ ବାପା ପୂର୍ବତନ ଏମ୍‌ପି ତଥା ବିଧାୟକ ଅନନ୍ତ ସେଠୀଙ୍କ ଲୋକପ୍ରିୟତାକୁ ପାଥେୟ କରି ପ୍ରଚାର ଚଳାଇଛନ୍ତି। ଭଦ୍ରକ ବିଧାନସଭା କ୍ଷେତ୍ରରେ ହେବାକୁ ଥିବା ଏହି ନିର୍ବାଚନରେ ୨୫୫ଟି ବୁଥ୍‌ରେ ସମୁଦାୟ ୨ ଲକ୍ଷ ୫୩ ହଜାର ୬୭୦ ଭୋଟର ଏହି ପ୍ରାର୍ଥୀଙ୍କ ପାଇଁ ଆସନ୍ତା ୨୯ ତାରିଖରେ ମତଦାନ ପ୍ରକ୍ରିୟାରେ ସାମିଲ ହେବେ।



ନଳିନୀକାନ୍ତ ମହାନ୍ତି



ପ୍ରଦୀପ ନାୟକ



ସଞ୍ଜୀବ ମଲିକ

## ଦଳୀୟ ବିବାଦ ପ୍ରାର୍ଥୀଙ୍କ ମୁଣ୍ଡବ୍ୟଥାର କାରଣ

ଭଦ୍ରକ ବିଧାନସଭା କ୍ଷେତ୍ରରେ ଚଳିତଥର ଦଳବଦଳ ରାଜନୀତି ନିର୍ବାଚନ ସମୀକରଣରେ ଭିନ୍ନତା ଆଣିବ ବୋଲି ଚର୍ଚ୍ଚା ହେଉଛି। ବିଜେଡିର ଜିଲା ସଭାପତି ରହିବା ସାଙ୍ଗକୁ ୮ଥର ଏମ୍‌ପି ହୋଇଥିବା ଅର୍ଜୁନ ଚରଣ ସେଠୀ ଦଳ ଛାଡ଼ି ଭାଜପା ଶିବିରରେ ସାମିଲ ହୋଇଛନ୍ତି। ସେହିଭଳି ବିଜେଡିର ମଙ୍ଗ ଧରିଥିବା ପୁରୁଖା ନେତା ତଥା ବିଧାୟକ ଯୁଗଳ କିଶୋର ପଟ୍ଟନାୟକ ତାଙ୍କ ପୁଅକୁ ଟିକେଟ ନ ମିଳିବାରୁ ସେ ଅଭିମାନରେ ରାଜନୀତିଠାରୁ ଦୂରେଇ ରହୁଛନ୍ତି। ଦଳର ରାଜ୍ୟ ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତ ସମୟରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳି ନ ଥିଲା। ତାଙ୍କ ପୁଅ ଅସିତ ପଟ୍ଟନାୟକଙ୍କ ସମର୍ଥକମାନେ ଅଭିମାନରେ କରଛଡ଼ା ଦେଉଛନ୍ତି। ଏଭଳି ସ୍ଥିତିରେ ବିଜେଡି ସହ କଡ଼ା ମୁକାବିଲା କରିବା ପାଇଁ କଂଗ୍ରେସ ପ୍ରସ୍ତୁତି ଚଳାଇଛି। ହେଲେ ପୂର୍ବତନ ଜିଲା କଂଗ୍ରେସ ସଭାପତି ନରେନ ପଲେଇଙ୍କୁ ଟିକେଟ ନ ମିଳିବାରୁ ତାଙ୍କୁ ପ୍ରଚାର ମଇଦାନରେ ଦେଖିବାକୁ ମିଳୁନାହିଁ। ବିଧାୟକ ପ୍ରାର୍ଥୀ ନଳିନୀ ତାଙ୍କ ଯୁବ ସମର୍ଥକଙ୍କୁ ନେଇ ଏବେ ପ୍ରଚାର କରୁଛନ୍ତି। ଏପଟେ ଭାଜପାରେ ଟିକେଟ ନ ମିଳିବାରୁ ତୁଷାର ଜେନା ପରୋକ୍ଷରେ ଦଳୀୟ ପ୍ରାର୍ଥୀଙ୍କୁ ବିରୋଧ କରୁଛନ୍ତି। ଏହା ଦଳୀୟ କନ୍ଦଳକୁ ସାମ୍ନାକୁ ଆଣିଛି। ୩ ପ୍ରମୁଖ ଦଳରେ ଅନ୍ତର୍ବିବାଦ ପ୍ରାର୍ଥୀମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏ ସମ୍ପର୍କରେ ଜଣେ ସଚେତନ ଭୋଟର ଗଦାଧର ବଳ କହିଛନ୍ତି, ଦଳ ନୁହେଁ ଆମେ ପ୍ରାର୍ଥୀ ଉପରେ ଗୁରୁତ୍ୱ ଦେବୁ। ପ୍ରାର୍ଥୀଙ୍କ ବିକାଶ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ଭୋଟ ଦେବୁ। ସେହିଭଳି ଅନ୍ୟ ଜଣେ ସଚେତନ ମହିଳା ଭୋଟର ରମଣୀ ବାରିକ ଦଳକୁ ଗୁରୁତ୍ୱ ଦେଇ ଭୋଟ ଦେବୁ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ନିର୍ବାଚନ କାର୍ଯ୍ୟରେ ଅବହେଳା ୪ ସରକାରୀ କର୍ମଚାରୀ ନିଲମ୍ବିତ

ଭଦ୍ରକ ଅଫିସ, ୨୪।୪

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି। ଏହି ପରିପ୍ରେକ୍ଷୀରେ ନିର୍ବାଚନ କାର୍ଯ୍ୟରେ ଅବହେଳା କରିଥିବା ୪ ସରକାରୀ କର୍ମଚାରୀଙ୍କୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଜ୍ଞାନରଞ୍ଜନ ଦାସ ବୁଧବାର ନିଲମ୍ବନ କରିଛନ୍ତି। ନିଲମ୍ବିତ କର୍ମଚାରୀମାନେ ହେଲେ ବାସୁଦେବପୁର ତହସିଲର ରାଜସ୍ୱ ନିରୀକ୍ଷକ ବ୍ରଜକିଶୋର ଦାସ, ତିହିଡ଼ି ତହସିଲ ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ବାପୁ କିଶାନ ମୁର୍ମୁ, ତିହିଡି ବ୍ଲକ ଅଫିସ ଜେଇ ତୁଷାରକାନ୍ତ ମିଶ୍ର ଓ ବାସୁଦେବପୁର ତହସିଲ ଆର୍‌ଆଇ ସୌମ୍ୟରଞ୍ଜନମହାଳିକ। ଏମାନଙ୍କୁ ନିଲମ୍ବନ କରାଯାଇଥିବା ନେଇ ଜିଲାପାଳ ଦାସ ଟୁଇଟର ମାଧ୍ୟମରେ ସୂଚନା ଦେଇଛନ୍ତି।

